# NATIONAL NEWS BULLETIN (ODIA)

## 14th July - 2024

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ପ୍ରବାସୀ ଭାରତୀୟମାନେ ହେଉଛନ୍ତି ଦେଶର ବିକାଶ କ୍ଷେତ୍ରରେ ଅଭିନ୍ନ ସହଯୋଗୀ; କହିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ।

- ଓଡ଼ିଶାର ପୁରୀରେ ଖୋଲାଗଲା ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ସମସ୍ତ ଦ୍ୱାର ।

— ଆସନ୍ତାକାଲି ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ।

- ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପଙ୍କ ଉପରେ ଆକ୍ରମଣକୁ ନିନ୍ଦା କଲେ ବିଶ୍ୱନେତା ।

- ନେପାଳରେ ଭୂସ୍ଖଳନ ଯୋଗୁଁ ତ୍ରିଶୂଳି ନଦୀରେ ଭାସିଯାଇଥିବା ଦୁଇଟି ବସ୍ ଯାତ୍ରୀଙ୍କ ମଧ୍ୟରୁ ୫ଟି ମୃତ ଉଦ୍ଧାର ।

ଏବଂ

- ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍‌ର ଫାଇନାଲ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ' ଜିମ୍ବାୱେ ସମ୍ମୁଖରେ ୧୬୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ।

## ବିର୍ଲା - ଇଣ୍ଡିଆନ୍ ଡାୟାସ୍ପୋରା

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ବିଦେଶରେ ରହୁଥିବା ଭାରତୀୟ ବଂଶୋଦ୍ଭବମାନେ ଭାରତର ବିକାଶ ଏବଂ ଆଧୁନିକୀକରଣ କ୍ଷେତ୍ରରେ ଅଭିନ୍ନ ସହଯୋଗୀ ଅଟନ୍ତି । ରୁଷ୍‌ର ମସ୍କୋରେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧିତ କରି ଶ୍ରୀ ବିର୍ଲା ଦେଶର ପ୍ରଗତିରେ ବିଦେଶରେ ରହୁଥିବା ଅମୂଲ୍ୟ ଯୋଗଦାନ ପ୍ରସଂଶନୀୟ ବୋଲି କହିଛନ୍ତି । ସେ କହିଛନ୍ତି, ଭାରତର ପ୍ରତ୍ୟେକ କ୍ଷେତ୍ରର ବିକାଶ ଏବଂ ଏହାକୁ ସାକାର କରିବା ଦିଗରେ ଭାରତୀୟ ବଂଶୋଦ୍ଭବମାନେ ଦୂତ ଭଳି ସେମାନଙ୍କ କର୍ତ୍ତବ୍ୟନିଷ୍ଠତା ସବୁବେଳେ ପ୍ରଦର୍ଶନ କରିଆସୁଛନ୍ତି । ରୁଷ୍‌ରେ ନିଜ ମାତୃଭୂମିର ଏକ ସଶକ୍ତ ଛବି ଗଢ଼ିବା ଓ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି । ଭାରତ-ରୁଷ୍ ସମ୍ପର୍କକୁ ନେଇ ଶ୍ରୀ ବିର୍ଲା କହିଛନ୍ତି, ଉଭୟ ଦେଶ ଜଟିଳ ସମୟରେ ପରସ୍ପରକୁ ସାହାଯ୍ୟ କରିଛନ୍ତି ।

ଶ୍ରୀ ବିର୍ଲା ଦଶମ ବ୍ରିକ୍ସ ସଂସଦୀୟ ସମ୍ମିଳନୀରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ।

## ଭୁବନେଶ୍ୱର - ଜଗନ୍ନାଥ ଟେମ୍ପୁଲ୍

ଓଡ଼ିଶାର ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ସମସ୍ତ ଦ୍ୱାର ଖୋଲାଯାଇଛି । ଏକ ସ୍ୱତନ୍ତ୍ର ଦଳର ଉପସ୍ଥିତିରେ ଏହି ରତ୍ନଭଣ୍ଡାର ଖୋଲାଯାଇଥିବା ସୂଚନା ଦିଆଯାଇଛି । ଶେଷଥର ଲାଗି ୧୯୮୫ ମସିହାରେ ରତ୍ନଭଣ୍ଡାରର ଦ୍ୱାର ଖୋଲାଯାଇଥିଲା । କିନ୍ତୁ ୧୯୭୮ରେ ଶେଷଥର ପାଇଁ ରତ୍ନଭଣ୍ଡାର ମଧ୍ୟରେ ଥିବା ସମସ୍ତ ଅଳଙ୍କାର ଓ ମୂଲ୍ୟବାନ୍ ବସ୍ତୁଗୁଡ଼ିକର ଗଣତି କରାଯାଇଥିଲା । ଗତକାଲି ଓଡ଼ିଶା ସରକାରଙ୍କ ପକ୍ଷରୁ ମାନକ ସଞ୍ଚାଳନ ପ୍ରକ୍ରିୟା-ଏସ୍.ଓ.ପି. ଜାରି କରାଯିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ସ୍ୱତନ୍ତ୍ର କମିଟି ଆଜି ରତ୍ନଭଣ୍ଡାର ଖୋଲିବା ଲାଗି ନିଷ୍ପତ୍ତି ନେଇଥିଲେ । ରତ୍ନଭଣ୍ଡାର ଖୋଲିବା କାର୍ଯ୍ୟର ଭିଡ଼ିଓ ରେକର୍ଡ଼ି କରାଯାଇଛି । ଏହାଛଡ଼ା ସେଥିରେ ଥିବା ସମସ୍ତ ଅଳଙ୍କାରକୁ ସୁରକ୍ଷିତ ରଖିବା ଲାଗି ଏକ ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍ ବ୍ୟବସ୍ଥା କରାଯାଇଛି । ସୂଚନା ଅନୁଯାୟୀ, ରତ୍ନଭଣ୍ଡାରରେ ଥିବା ସମସ୍ତ ଦ୍ରବ୍ୟର ଏକ ବିସ୍ତୃତ ସୂଚୀ ପ୍ରସ୍ତୁତ କରାଯିବ । ଦ୍ୱାଦଶ ଶତାବ୍ଦୀର ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରରେ ହୀରା, ସୁନା ଏବଂ ଅନ୍ୟ ମୂଲ୍ୟବାନ ଧାତୁ ରହିଛି ।

ଏହାଛଡ଼ା ବିଭିନ୍ନ ସମୟରେ ରାଜା, ମହାରାଜା ଓ ଶ୍ରଦ୍ଧାଳୁମାନଙ୍କଦ୍ୱାରା ପ୍ରଦାନ କରାଯାଉଥିବା ମୂଲ୍ୟବାନ୍ ପଦାର୍ଥକୁ ରତ୍ନଭଣ୍ଡାରେରେ ରଖାଯାଇଛି ।

## ଓଡ଼ିଶା – ବାହୁଡ଼ା ଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତାକାଲି ବିଶ୍ୱପ୍ରସିଦ୍ଧ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ । ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନ ଆସନ୍ତାକାଲି ତିନିରଥରେ ବିଜେ ହୋଇ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ । ମାଉସୀମା' ଗୁଣ୍ଡିଚା ଦେବୀଙ୍କ ମନ୍ଦିରରେ ଆଠଦିନ ବ୍ୟାପି ଭାଇଭଉଣୀ ରହିବା ପରେ ଆସନ୍ତାକାଲି ରତ୍ନବେଦୀକୁ ବାହୁଡ଼ିବେ । ଗତ ଶୁକ୍ରବାର ଦିନ ତିନିରଥ ଦକ୍ଷିଣ ମୋଡ଼ ନେଲା ପରେ ଗୁଣ୍ଡିଚାମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ରହିଛନ୍ତି । ଶ୍ରଦ୍ଧାଳୁମାନେ ଆଜି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି । ଏବେ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ କରାଯାଉଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ଟ୍ରମ୍ପ ଆଟାକ୍ - ୱାର୍ଲଡ୍ ଲିଡର

ପଶ୍ଚିମ ପେନ୍‌ସିଲ୍‌ଭାନିଆଠାରେ ଏକ ନିର୍ବାଚନୀ ସଭାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିଶ୍ୱ ନେତାମାନେ ନିନ୍ଦା କରିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟିନିଓ ଗୁଟେରସ୍ ରାଜନୈତିକ ହିଂସାକୁ ନିନ୍ଦା କରିବା ସହ ଶ୍ରୀ ଟ୍ରମ୍ପଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । ଆମେରିକାର ଉପରାଷ୍ଟ୍ରପତି କମଲା ହାରିଶ୍ ରାଷ୍ଟ୍ରପତି ପଦପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଟ୍ରମ୍ପ୍‌ଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଏଭଳି ହିଂସାର କୌଣସି ସ୍ଥାନ ନାହିଁ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ମଧ୍ୟ ଲୋକତନ୍ତ୍ରରେ ରାଜନୈତିକ ହିଂସାର କୌଣସି ସ୍ଥାନ ନାହିଁ ବୋଲି ମତ ରଖିଛନ୍ତି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ ଏହି ଆକ୍ରମଣରେ ଦୁଃଖ ପ୍ରକାଶ କରିବା ସହ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଆମ ସମାଜରେ ରାଜନୈତିକ ହିଂସାର କୌଣସି ସ୍ଥାନରେ ନାହିଁ । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ କହିଛନ୍ତି, ନିର୍ବାଚନୀ ସଭା ସମୟରେ ଘୃଣା ଓ ହିଂସା ଭଳି ବିଷୟକୁ ବାଦ୍ ଦେବା ଉଚିତ ।

କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି, ଟ୍ରମ୍ପ୍‌ଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ଦୁଃଖଦାୟକ । ରାଜନୈତିକ ହିଂସା କଦାପି ଗ୍ରହଣୀୟ ନୁହେଁ ବୋଲି ସେ ମତ ରଖିଛନ୍ତି । ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଏହି

ଘଟଣାରେ ଦୁଃଖ୍ ପ୍ରକାଶ କରି କହିଛନ୍ତି, ବିଶ୍ୱରେ ଲୋକତନ୍ତ୍ରକୁ ବିରୋଧ କଲାଭଳି ଯେକୌଣସି ଶକ୍ତିକୁ ଦୃଢ଼ତାର ସହିତ ଜବାବ ଦିଆଯିବା ଆବଶ୍ୟକ । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବେନିଜ୍ କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ଚିନ୍ତାଜନକ । ଦକ୍ଷିଣ କୋରିଆ ରାଷ୍ଟ୍ରପତି, ବ୍ରାଜିଲ୍ ରାଷ୍ଟ୍ରପତି ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଟ୍ରମ୍ପ୍‌ଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ନେପାଳ - ଆକ୍ସିଡେଣ୍ଟ

ନେପାଳରେ ଭୂସ୍ଖଳନ ଯୋଗୁଁ ତ୍ରିଶୂଳି ନଦୀରେ ଗତ ଶୁକ୍ରବାର ଦୁଇଟି ଯାତ୍ରୀବାହୀ ବସ୍ ଭାସିଯିବା ପରେ ଆଜି ୫ଟି ମୃତଦେହ ଉଦ୍ଧାର କରାଯାଇଛି । ନାରାୟଣୀ ନଦୀରୁ ଉଦ୍ଧାର କରାଯାଇଥିବା ୩ଟି ମୃତଦେହର ପରିଚୟ ମିଳିପାରିଛି । ଗତ ଶୁକ୍ରବାର ଦିନ ଦୁଇଟି ଯାତ୍ରୀବାହୀ ବସ୍ ସିମାଲତଲ୍ ଭରତପୁରରେ ଭୂସ୍ଖଳନ ଯୋଗୁଁ ତ୍ରିଶୂଳି ନଦୀରେ ଭାସିଯାଇଥିଲେ । ଗୋଟିଏ ବସ୍‌ରେ ୨୭ ଜଣ ଯାତ୍ରୀ ବୀରଗଞ୍ଜ୍‌ରୁ କାଠମାଣ୍ଡୁ ଯାଉଥିବାବେଳେ ଅନ୍ୟ ବସ୍‌ରେ ୨୪ ଜଣ ଯାତ୍ରୀ କାଠମାଣ୍ଡୁରୁ ଗୌର୍ ଅଞ୍ଚଳକୁ ଯାଉଥିଲେ ।

## ପ୍ୟାକ୍‌ଡ୍ ଫୁଡ୍ - ଆମେଣ୍ଡ୍‌ମେଣ୍ଟ

ପ୍ୟାକେଟ୍ ବନ୍ଦ ସାମଗ୍ରୀଗୁଡ଼ିକ ମଧ୍ୟରେ ସମାନତା ବଜାୟ ରଖିବା ଲାଗି ଉପଭୋକ୍ତା କାର୍ଯ୍ୟ ବିଭାଗ ଲିଗାଲ୍ ମେଟ୍ରୋଲୋଜି ନିୟମ-୨୦୧୧ରେ ସଂଶୋଧନ ଲାଗି ପ୍ରସ୍ତାବ ଦେଇଛି । ଏହି ସଂଶୋଧନ ପ୍ରସ୍ତାବ ଅନୁଯାୟୀ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଖୁଚୁରା ବିକ୍ରୟ ପାଇଁ ପୂର୍ବରୁ ପ୍ୟାକେଟ୍‌ରେ ବନ୍ଦ ଥିବା ସାମଗ୍ରୀଗୁଡ଼ିକର ସମସ୍ତ ତଥ୍ୟ ଘୋଷଣା କରିବା ଅନିବାର୍ଯ୍ୟ ହେବ । ମନ୍ତ୍ରଣାଳୟ କହିଛି, ଏହା ସଂଶୋଧନ ହେଲେ ପ୍ୟାକେଟ୍ ବନ୍ଦ ସାମଗ୍ରୀ ଉତ୍ପାଦନ କରୁଥିବା ବିଭିନ୍ନ ବ୍ରାଣ୍ଡ୍ ମଧ୍ୟରେ ସ୍ଥିରତା ରକ୍ଷା କରାଯାଇପାରିବ । ଏହାଛଡ଼ା ଉପଭୋକ୍ତାମାନେ ବ୍ୟବହାର କରିବାକୁ ଯାଉଥିବା ସାମଗ୍ରୀର ସମସ୍ତ ସୂଚନା ପାଇପାରିବେ ଓ ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ଚୟନ କରିପାରିବେ । ଏହି ସଂଶୋଧନ ପ୍ରସ୍ତାବ ଲାଗି ଚଳିତ ମାସି ୨୯ ତାରିଖ ସୁଦ୍ଧା ବିଭିନ୍ନ ପକ୍ଷଙ୍କଠାରୁ ପ୍ରସ୍ତାବ ଓ ପରାମର୍ଶ ଗ୍ରହଣ କରାଯିବ ।

## ଏମ୍.ପି. - ଏକ୍ ପେଡ୍ ମା' କେ ନାମ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ମଧ୍ୟପ୍ରଦେଶର ଇନ୍ଦୋରରେ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନର ଶୁଭାରମ୍ଭ କରିଛନ୍ତି । ଇନ୍ଦୋର୍‌ରେ

ଗୋଟିଏ ଦିନରେ ୧୧ ଲକ୍ଷ ଚାରାରୋପଣ କରାଯାଇ ବିଶ୍ୱ ରେକର୍ଡ଼ ସୃଷ୍ଟି କରିବା ଲାଗି ପଦକ୍ଷେପ ନିଆଯାଇଛି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗୋଟିଏ ଡାକରାରେ ଲୋକମାନେ ଏହାକୁ ସଫଳ କରିବା ଲାଗି ଆଗେଇ ଆସିଛନ୍ତି । ସେ କହିଛନ୍ତି, ଇନ୍ଦୋର ସହର କେବଳ ସ୍ୱଚ୍ଛ ସହର ନୁହେଁ; ବରଂ ଏହା ବୃକ୍ଷରାଜିରେ ପରିପୂର୍ଣ୍ଣ ଏକ ସୁନ୍ଦର ସହର ହେବାକୁ ଯାଉଛି । ସେ କହିଛନ୍ତି, ଆଗାମୀ ପିଢ଼ିପାଇଁ ସ୍ୱଚ୍ଛ ପରିବେଶ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ଯୋଗୁଁ ୨୦୨୫ ସୁଦ୍ଧା ଦେଶରେ ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଏଥାନଲ୍ ମିଶ୍ରଣ ଯୋଜନା ରହିଛି । ଶ୍ରୀ ଶାହା କହିଛନ୍ତି, ସରକାର ଜଳବାୟୁ ପରିବର୍ତ୍ତନ ପାଣ୍ଠିର ଆରମ୍ଭ କରିଛନ୍ତି । ଦେଶରେ ପ୍ରଥମ ଥର ଲାଗି ଗୁଜୁରାଟ୍‌ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପରିବେଶ ବିଭାଗର ଆରମ୍ଭ କରିଥିଲେ ।

ଶ୍ରୀ ଶାହା କହିଛନ୍ତି, ମଧ୍ୟପ୍ରଦେଶ ଦେଶର ହୃତ୍‌ପିଣ୍ଡ ସଦୃଶ । ସେଠାରେ ଦେଶର ୩୧ ପ୍ରତିଶତ ବନାଞ୍ଚଳ ରହିଛି, ଯାହା ପର୍ଯ୍ୟଟନ କ୍ଷେତ୍ରରେ ନୂଆ ସ୍ତର ହାସଲ କରୁଛି ।

## ହମାରା ସମ୍ବିଧାନ ଇଭେଣ୍ଟ

'ଆମ ସମ୍ବିଧାନ, ଆମ ସମ୍ମାନ' ଅଭିଯାନର ଦ୍ୱିତୀୟ ଆଞ୍ଚଳିକ କାର୍ଯ୍ୟକ୍ରମ ଆସନ୍ତା ମଙ୍ଗଳବାର ଦିନ ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଆୟୋଜନ ହେବ । ଏଥିରେ ନ୍ୟାୟ ପାଇବା ଲାଗି ନୂଆ ସମାଧାନର

ରୂପରେଖ ପ୍ରସ୍ତୁତ ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ ହେବ । ଭାରତୀୟ ସମ୍ବିଧାନକୁ ଆପଣେଇବା ଏବଂ ଭାରତକୁ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ୭୫ ବର୍ଷ ପୂରଣ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି, ସମ୍ବିଧାନକୁ ବୁଝିବା ଏବଂ ଆଇନର ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା । କାର୍ଯ୍ୟକ୍ରମରେ ନାଗରିକମାନଙ୍କ ଭାଗିଦାରୀକୁ ସୁନିଶ୍ଚିତ କରିବା ସହ ଆମ ସମ୍ବିଧାନ, ଆମ ସମ୍ମାନ ପୋର୍ଟାଲ୍‌ର ଶୁଭାରମ୍ଭ କରାଯିବ । ଏହି ପୋର୍ଟାଲ୍ ଜରିଆରେ ନାଗରିକମାନେ ସମ୍ବିଧାନ ଏବଂ ଆଇନର ଅଧିକାର ସମ୍ପର୍କିତ ସୂଚନା ସହଜରେ ପାଇପାରିବେ । ଏହି ଅଭିଯାନ ସହ ଅନ୍ୟ କେତେକ ଅଭିଯାନର ଶୁଭାରମ୍ଭ କରାଯିବ ବୋଲି ନ୍ୟାୟ ମନ୍ତ୍ରଣାଳୟ କହିଛି ।

## ନୀତି ଆୟୋଗ

ନୀତି ଆୟୋଗ ଇ-ଫାଷ୍ଟ ଇଣ୍ଡିଆ ପଦକ୍ଷେପର ଅଂଶ ସ୍ୱରୂପ ନୀତି ଗିୟରସିଫ୍ଟ ପ୍ରତିଯୋଗିତା ଆରମ୍ଭ କରିଛି । ଏହି ହାକାଥନର ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୈତିକ ଏବଂ ପରିବେଶଗତ ଆହ୍ୱାନର ମୁକାବିଲା କରି ଭାରତରେ ଶୂନ୍ୟ ନିର୍ଗମନ ଟ୍ରକ୍‌ର ଅଭିନବ ମଡେଲକୁ ପ୍ରୋତ୍ସାହିତ କରିବା । ଏ ସଂକ୍ରାନ୍ତରେ ନୀତି ଆୟୋଗ ଛାତ୍ରଛାତ୍ରୀ, ପରିବହନ ସେବା ପ୍ରଦାନକାରୀ

ସଂସ୍ଥା, ଶିକ୍ଷାବିତ୍ ଏବଂ ଗବେଷକମାନଙ୍କୁ ଆର୍ଥିକ, ବୈଷୟିକ ଏବଂ ପରିଚାଳନାଗତ ଆହ୍ୱାନ ଗୁଡ଼ିକର ମୁକାବିଲା ନିମନ୍ତେ ଉପାୟ ଖୋଜିବା ଲାଗି ଆମନ୍ତ୍ରଣ କରିଛନ୍ତି । ନୀତି ଗିୟରସିଫ୍ଟ ପ୍ରତିଯୋଗିତା ଆଇଆଇଏମ୍ ବାଙ୍ଗାଲୋର, ସ୍ମାର୍ଟ ଫ୍ରେଟ୍ ସେଣ୍ଟର ଇଣ୍ଡିଆ, ଡବ୍ଲୁଆର୍ ଆଇ ଇଣ୍ଡିଆ ଏବଂ ଅନ୍ୟମାନଙ୍କ ସହଯୋଗରେ ଆୟୋଜିତ ହେଉଛି । ନୀତି ଆୟୋଗଠାରୁ ମିଳିଥିବା ସୂଚନା ଅନୁସଯାୟୀ ୨ଟି ପର୍ଯ୍ୟାୟରେ ଏହି ପ୍ରତିଯୋଗିତା ହେବ ।

## କ୍ରିକେଟ୍

ଭାରତ ଓ ଜିମ୍ବାୱେ ମଧ୍ୟରେ ଚାଲିଥିବା ପାଞ୍ଚ ଶୃଙ୍ଖଳା ବିଶିଷ୍ଟ ପୁରୁଷ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍‌ରେ ଆଜି ଫାଇନାଲ୍ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୧୬୭ ରନ୍ ସ୍କୋର କରିଛି । ଟସ୍ ଜିତି ଜିମ୍ବାୱେ ଭାରତକୁ ବ୍ୟାଟିଂ କରିବାପାଇଁ ଆମନ୍ତ୍ରଣ କରିଥିଲା । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୧୬୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ୧୩ ଓଭର୍ ୩ଟି ବଲ୍‌ରେ ୪ ୱିକେଟ୍ ହରାଇ ୮୭ ରନ୍ କରିଛି । ଏହି ଶୃଙ୍ଖଳାରେ ଭାରତ ୩-୧ରେ ଆଗୁଆ ରହିଥିବାବେଳେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଜିମ୍ବାୱେକୁ ୧୦ ୱିକେଟ୍‌ରେ ପରାସ୍ତ କରିଥିଲା ।

*****